ODISHA POLICE
STATE HEADQUARTERS
CUTTACK.

---

# ପ୍ରେସ୍ ନୋଟ୍

## ୧୦.୦୧.୨୦୨୩

ସାରା ଦେଶରେ ଓଡ଼ିଶା ପୋଲିସ୍‌ର ସୁନାମ ରହିଛି । ରାଜ୍ୟ ପୋଲିସ୍‌ରେ କାର୍ଯ୍ୟରତ ଦକ୍ଷ ଅଫିସର ତଥା ଫୋର୍ସଙ୍କ କାର୍ଯ୍ୟଶୈଳୀ ଏବଂ କର୍ମକୁଶଳତା ଏହି ସୁନାମକୁ ଆହୁରି ବଳବତର କରି ରଖିଛି । ନକ୍ସଲ ଦମନ ଅଭିଯାନ ତଥା ସମାଜରେ ଘଟୁଥିବା ବିଭିନ୍ନ ହିଂସାକୁ ରୋକିବାରେ ରାଜ୍ୟ ପୋଲିସ୍ ସାରା ଦେଶରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ସୁନୀଲ କୁମାର ବଂସଲ ମତପ୍ରକାଶ କରିଛନ୍ତି । ବିଜୁ ପଟ୍ଟନାୟକ ଷ୍ଟେଟ୍ ପୋଲିସ୍ ଏକାଡ଼େମୀଠାରେ ଅନୁଷ୍ଠିତ ନବନିଯୁକ୍ତ "୨ୟ ବ୍ୟାଚ୍ କ୍ୟାଡେଟ୍ ସବ୍-ଇନ୍ସପେକ୍ଟର(ଆର୍ମଡ୍) ଏବଂ ୧୨ତମ ବ୍ୟାଚ୍ କ୍ୟାଡେଟ୍ ସବ୍-ଇନ୍ସପେକ୍ଟର"ର ମୌଳିକ ତାଲିମ୍‌ର ଉଦ୍‌ଘାଟନ ଉତ୍ସବରେ ଡିଜିପି ଶ୍ରୀ ବଂସଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନୂତନ ଭାବରେ ଯୋଗ ଦେଇଥିବା ଏହି ପୋଲିସ୍ ଅଧିକାରୀମାନଙ୍କୁ ସ୍ୱାଗତ କରିବା ସହ ରାଜ୍ୟ ପୋଲିସ୍‌ର ସୁନାମ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରିଥିଲେ ।

ଏହି ଅବସରରେ ଡିଜିପି ଶ୍ରୀ ବଂସଲ ସାରା ଭାରତବର୍ଷରେ ବିଜୁ ପଟ୍ଟନାୟକ ଷ୍ଟେଟ୍ ପୋଲିସ୍ ଏକାଡ଼େମୀର ସ୍ୱତନ୍ତ୍ର ପରିଚୟ ସମ୍ପର୍କରେ ମତବ୍ୟକ୍ତ କରିବା ସହ ଅନ୍ୟ ରାଜ୍ୟମାନଙ୍କ ପାଇଁ ଏହି ପୋଲିସ୍ ଏକାଡ଼େମୀ ଆଦର୍ଶ ପାଲଟିଛି ବୋଲି କହିଥିଲେ । ଏଠାରେ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ବିକାଶ ନିମନ୍ତେ ସ୍ୱତନ୍ତ୍ର ତାଲିମ୍ ପ୍ରଦାନ କରାଯାଉଛି । ଏକ ନୂତନ ଆଶା, ଉତ୍ସାହ ଏବଂ ଉଦ୍ଦୀପନାର ସହ ତାଲିମ୍ ଶେଷ କରିବା ସହ ଆଗାମୀ ଦିନରେ ରାଜ୍ୟ ପୋଲିସ୍‌ର ସୁନାମ ବଢାଇବାକୁ ଡିଜିପି ଶ୍ରୀ ବଂସଲ କ୍ୟାଡେଟ୍ ସବ୍-ଇନ୍ସପେକ୍ଟରମାନଙ୍କୁ ଆହ୍ୱାନ ଦେଇଥିଲେ । ଭଲ ଅଫିସର ହେବାକୁ ହେଲେ ପ୍ରଥମେ ଭଲ ମଣିଷ ହେବାକୁ ପଡ଼ିବ ବୋଲି ଡିଜିପି କ୍ୟାଡେଟ୍ ସବ୍-ଇନ୍ସପେକ୍ଟରମାନଙ୍କୁ ପରାମର୍ଶ ଦେଇଥିଲେ । ଉଲ୍ଲେଖଯୋଗ୍ୟ ଯେ, ଉପରୋକ୍ତ ଦୁଇଟି ବ୍ୟାଚ୍‌ରେ ସମୁଦାୟ ୨୯୬ ଜଣ ଚାକିରୀରେ ଯୋଗ ଦେଇଥିବାବେଳେ ସେଥିମଧ୍ୟରୁ ୧୧୮ଜଣ କ୍ୟାଡେଟ୍ ସବ୍-ଇନ୍ସପେକ୍ଟର(ଆର୍ମଡ୍) ଏବଂ ୧୭୮ଜଣ କ୍ୟାଡେଟ୍ ସବ-ଇନ୍ସପେକ୍ଟର ଭାବେ ଯୋଗ

ଦେଇଛନ୍ତି । ଓଡ଼ିଶା ପୋଲିସ୍ ରିକ୍ରୁଟମେଣ୍ଟ ବୋର୍ଡ ଦ୍ୱାରା ଚୟନ ହୋଇ ଏହି ୨୯୬ଜଣ ଅଫିସର ନୂତନ ନିଯୁକ୍ତି ପାଇଛନ୍ତି ।

ବିଜୁ ପଟ୍ଟନାୟକ ଷ୍ଟେଟ୍ ପୋଲିସ୍ ଏକାଡ଼େମୀର ନିର୍ଦ୍ଦେଶକ ତଥା ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଅରୁଣ କୁମାର ଷଡ଼ଙ୍ଗୀ ଯୋଗ ଦେଇ ଏହି ନୂତନ ସବ୍-ଇନ୍ସପେକ୍ଟର ବ୍ୟାଚ୍‌ଟି ଆଗାମୀ ଦିନରେ ପୋଲିସ୍ ବିଭାଗର ନୂତନ ପରିବର୍ତ୍ତନ ତଥା ସୁନାମ ଆଣିବ ବୋଲି ଆଶାପ୍ରକଟ କରିଥିଲେ । ଏହା ସହ ନ୍ୟାୟବନ୍ତ, ଆଇନ୍‌ର ରକ୍ଷକ, ପରୋପକାରୀ, ଅସହାୟଙ୍କ ନିମନ୍ତେ ସହାୟତାର ହାତ ବଢାଇବାକୁ ଏବଂ ଧର୍ମ ପାଳନ କରିବାକୁ କ୍ୟାଡେଟ୍ ସବ୍-ଇନ୍ସପେକ୍ଟରମାନଙ୍କୁ ପରାମର୍ଶ ଦେଇଥିଲେ । ପୋଲିସ୍ ଚାକିରୀ ଏକ ମହତ୍ ବୃତି ଅଟେ । ଏହି ବୃତି ମାଧ୍ୟମରେ ଅସହାୟ ସାଧାରଣ ଲୋକଙ୍କ ସେବା କରିବାର ସୁଯୋଗ ମିଳିଥାଏ । ତେଣୁ ପ୍ରତିଟି କ୍ଷେତ୍ରରେ ଅସୀମ ସାହସ, ବୀରତ୍ୱ, କର୍ତ୍ତବ୍ୟନିଷ୍ଠା ଏବଂ ଶୃଙ୍ଖଳାର ସହ ଟ୍ରେନିଂ ସମାପ୍ତ କରି ଭଲ ପୋଲିସ୍ ଅଫିସର ହେବାକୁ ଶ୍ରୀ ଷଡ଼ଙ୍ଗୀ ଆହ୍ୱାନ ଦେଇଛନ୍ତି ।  ବିଜୁ ପଟ୍ଟନାୟକ ଷ୍ଟେଟ୍ ପୋଲିସ୍ ଏକାଡ଼େମୀ (ଟ୍ରେନିଂ) ଆଇଜିପି ଶ୍ରୀମତୀ ଏସ୍.ସାଇନି ଯୋଗ ଦେଇ ପୋଲିସ୍ ଚାକିରୀ ସାଧାରଣ ବୃତି ନୁହଁ ବୋଲି କହିବା ସହ ଲୋକଙ୍କ ସେବା କରିବାରେ ନିଜକୁ ସାମିଲ କରିବାରେ ପରାମର୍ଶ ଦେଇଥିଲେ । ଆଗାମୀ ଦିନରେ ଏହି କ୍ୟାଡେଟ୍ ସବ୍-ଇନ୍ସପେକ୍ଟରମାନେ ସମାଜର ସୁରକ୍ଷା କବଚ ହୋଇପାରିବେ ବୋଲି ଆଶାବ୍ୟକ୍ତ କରିଥିଲେ ।

ଉକ୍ତ କାର୍ଯ୍ୟକ୍ରମକୁ ଡେପୁଟି କମାଣ୍ଡାଣ୍ଟ ଶ୍ରୀ ଅଶୋକ ଦେହୁରୀ ପରିଚାଳନା କରିଥିବାବେଳେ ଏକାଡେମୀରେ କାର୍ଯ୍ୟରତ ଥିବା ଡିଏସ୍‌ପି ଶ୍ରୀମତୀ କାଦମ୍ବିନୀ ମିଶ୍ର, ଡେପୁଟି କମାଣ୍ଡାଣ୍ଟ ଜ୍ଞାନେନ୍ଦ୍ର କୁମାର ଦାସ, ରେଜିଷ୍ଟ୍ରାର୍ ପ୍ରସନ୍ନ କୁମାର ଦାଶ ପ୍ରମୁଖ ନୂତନ ବ୍ୟାଚ୍‌କୁ ସ୍ୱାଗତ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଅତିରିକ୍ତ ଏସ୍‌ପି ଉଦୟଭାନୁ ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଜୁ ପଟ୍ଟନାୟକ ଷ୍ଟେଟ୍ ପୋଲିସ୍ ଏକାଡ଼େମୀର ସମସ୍ତ କର୍ମଚାରୀ ସାମିଲ ହୋଇଥିଲେ ।

10/7/23

PRO, SP HQrs, Cuttack